# ଷ୍ଟେଟ୍ ଲୋଡ୍ ଡେସ୍ପାଚ୍ ସେଣ୍ଟର (ଏସ୍ଏଲ୍ଡିସି)

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

OPTCL
Lifeline of Odisha

ଗ୍ରୀଡ୍କୋ କଲୋନୀ, ପୋ: ମଞ୍ଚେଶ୍ୱର ରେଲୱେ୍ କଲୋନୀ, ଭୁବନେଶ୍ୱର - ୭୫୧ ୦୧୭, ଓଡ଼ିଶା

**CIN : U40102OR2004SGC007553**


## ଆର୍ଥିକ ବର୍ଷ ୨୦୨୧-୨୨ ନିମନ୍ତେ ଷ୍ଟେଟ ଲୋଡ ଡେସ୍ପାଚ ସେଣ୍ଟର (ଏସ୍ଏଲ୍ଡିସି) ପାଇଁ

## ଫି ଏବଂ ଶୁଳ୍କ ସମ୍ବନ୍ଧୀୟ ବିଜ୍ଞପ୍ତି

### ତା. ୦୪.୦୪.୨୦୨୧ ରିଖରୁ ଲାଗୁହେବା ନିମନ୍ତେ ଏସ୍ଏଲ୍ଡିସି ଫି ଏବଂ ଶୁଳ୍କ

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ତା. ୨୬.୦୩.୨୦୨୧ ରିଖରେ ମାମଲା ସଂଖ୍ୟା ୭୪/୨୦୨୦ରେ ତା. ୦୪.୦୪.୨୦୨୧ ରିଖରୁ ଲାଗୁ ହେବା ନିମନ୍ତେ ଏସ୍ଏଲ୍ଡିସି କାର୍ଯ୍ୟ ପାଇଁ ଫି ଓ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧୀୟ ଆଦେଶନାମା ପ୍ରଦାନ କରିଛନ୍ତି ।

ଓଇଆର୍‌ସି (ବ୍ୟବସାୟ ପରିଚାଳନା) ବିନିୟମ, ୨୦୦୪ ଅନ୍ତର୍ଗତ ବିନିୟମ ୫୭ ଅନୁଯାୟୀ ଏସ୍ଏଲ୍ଡିସି ଏତଦ୍ୱାରା ନିଜର କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକାର ପ୍ରକାଶନ କରୁଅଛି ।

### ଏସ୍ଏଲ୍ଡିସ କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକା

**୧.** ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ଏସ୍ଏଲ୍ଡିସି କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ନିମ୍ନମତେ ହେବ ।

(କ) **ଏସ୍ଏଲ୍ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ ଓ ସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍ ଓ ସି) ଭରଣା**

ଆର୍ଥିକ ବର୍ଷ ୨୦୨୧-୨୨ ନିମନ୍ତେ ଆନ୍ତଃରାଜ୍ୟ ସରବରାହ ବ୍ୟବସ୍ଥା ଏବଂ ଏସ୍ଏଲ୍ଡିସିର ସେବା ଉପଲବ୍ଧ ପାଇଁ ସମସ୍ତ ବ୍ୟବହାରକାରୀ ଯଥା ବିତରଣ ସଂସ୍ଥା, କ୍ରେତା, ଉତ୍ପାଦନ କେନ୍ଦ୍ର (ସିଜିପି ସହିତ) ଓ ବିକ୍ରେତାମାନଙ୍କ ଠାରୁ ବ୍ୟବସ୍ଥା ପରିଚାଳନା ଶୁଳ୍କ ଓ ବଜାର ପରିଚାଳନା ଶୁଳ୍କ ଏବଂ ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ (ଓପିଟିସିଏଲ୍) ଠାରୁ କେବଳ ବ୍ୟବସ୍ଥା ପରିଚାଳନା ଶୁଳ୍କ ଏସ୍ଏଲ୍ଡିସି ବିଲ୍ ପ୍ରଦାନ କରି ଆଦାୟ କରିବ ।

**ଆର୍ଥିକ ବର୍ଷ ୨୦୨୧-୨୨ ନିମନ୍ତେ ଏଆର୍ଆର୍ ଓ ବାର୍ଷିକ ଏବଂ ମାସିକ ଶୁଳ୍କ**

(ଟଙ୍କା ଲକ୍ଷରେ)

| କ୍ରଂ. ସଂ. | ବିବରଣୀ | ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ମଞ୍ଜୁରୀ | |
|---|---|---|---|
| | | ବାର୍ଷିକ | ମାସିକ |
| ୧. | ଏସ୍ଏଲ୍ଡିସି ର ଏଆର୍ଆର୍ | ୧୦୪୬.୧୬୪ | ୮୭.୧୮ |
| ୨. | ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ଓସି) ଏସ୍ଏଲ୍ଡିସି ନିକଟରେ ଦାଖଲ କରିବେ | ୮୩.୬୯୩ | ୬.୯୭୪ |
| ୩. | ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ବିକ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ଓସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍ଓସି) ଏସ୍ଏଲ୍ଡିସି ନିକଟରେ ଦାଖଲ କରିବେ (୫୯୭୨.୯୭ ମେଗା ୱାଟ ଉତ୍ପାଦନ କ୍ଷମତାକୁ ନେଇ ମେଗା ୱାଟ ପ୍ରତି ଟଙ୍କା ହିସାବ କରାଯାଇଅଛି) | ୪୮୧.୨୩୬<br>(ଟ୮୦୫୬.୮୮୯ ମେଗା ୱାଟ ପ୍ରତି) | ୪୦.୧୦୩<br>(ଟ୬୭୧.୪୦୭ ମେଗା ୱାଟ ପ୍ରତି) |
| ୪. | ବିତରଣ ଲାଇସେନ୍ସଧାରୀ ଓ କ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ଓସି) ଓ ବଜାର ପରଚାଳନା ଶୁଳ୍କ (ଏମ୍ଓସି) ଏସ୍ଏଲ୍ଡିସି ନିକଟରେ ଦାଖଲ କରିବେ | ୪୮୧.୨୩୬ | ୪୦.୧୦୩ |
| | (i) ଟିପିସିଓଡିଏଲ୍ | ୧୬୦.୪୧୨ | ୧୩.୩୬୮ |
| | (ii) ନେସ୍କୋ ୟୁଟିଲିଟି | ୧୦୧.୫୩୧ | ୮.୪୬୧ |
| | (iii)ଟିପିଡବ୍ଲ୍ୟୁଓଡିଏଲ୍ | ୧୪୮.୪୯୮ | ୧୨.୩୭୫ |
| | (iv) ଟିପିଏସ୍ଓଡିଏଲ୍ | ୭୦.୭୯୫ | ୫.୯୦୦ |

(ଖ) **ଦରଖାସ୍ତ ଫି ଏବଂ ତାଲିକା ପ୍ରସ୍ତୁତି ଶୁଳ୍କ :**

ରାଜ୍ୟ ମଧ୍ୟରେ ଅବସ୍ଥାପିତ ସରବରାହ ବ୍ୟବସ୍ଥାର ବ୍ୟବହାର ଏବଂ ଆନୁସଙ୍ଗିକ ସେବା ନିମନ୍ତେ ଏସ୍.ଏଲ୍.ଡି.ସି ମୁକ୍ତ ପ୍ରବେଶ ଗ୍ରାହକମାନଙ୍କ ଠାରୁ ଓଇଆରସି (ଅନ୍ତଃରାଜ୍ୟ ମୁକ୍ତ ପ୍ରବେଶ ସର୍ତ୍ତ ଓ ନିୟମାବଳୀ) ବିନିୟମ ୨୦୨୦ ଅନୁଯାୟୀ ଆବେଦନ ପତ୍ର ଫି ଏବଂ ସାରଣୀ ପ୍ରସ୍ତୁତ ଶୁଳ୍କ ଆଦାୟ କରିବ ।

(ଗ) **ସିକ୍ୟୁରିଟି ଡ଼ିପୋଜିଟ୍ :** ସମସ୍ତ ଗ୍ରାହକ (ବିତରଣକାରୀ ସଂସ୍ଥାମାନଙ୍କ ବ୍ୟତିତ) ଦୁଇମାସର ପ୍ରଯୁଜ୍ୟ ବ୍ୟବସ୍ଥା ପରିଚାଳନା ଓ ବଜାର ପରିଚାଳନା ଶୁଳ୍କ ପରିମାଣ ରାଶି ନିର୍ଦ୍ଧାରିତ ଦେୟ ପ୍ରଦାନ ବିଫଳତା ଜନିତ ସିକ୍ୟୁରିଟି ବାବଦରେ ଅଗ୍ରୀମ ପ୍ରଦାନ କରିବେ ।

(ଘ) **ପଞ୍ଜୀକରଣ ଫି :** ଏସ୍ଏଲ୍ଡିସି ସମସ୍ତ ରାଜ୍ୟମଧ୍ୟସ୍ଥ ସରବରାହ ବ୍ୟବସ୍ଥା ଓ ଏହାର ଆନୁସଙ୍ଗିକ ସେବା ବ୍ୟବହାରକାରୀ ମାନଙ୍କଠାରୁ ଏକଥରପାଇଁ ୧.୦୦ ଲକ୍ଷ ଟଙ୍କା ପ୍ରତି ବ୍ୟବହାରକାରୀ ମାନଙ୍କଠାରୁ ପଞ୍ଜୀକରଣ ଶୁଳ୍କ ଆଦାୟ କରିବ ।

(ଙ) **ବିଳମ୍ବ-ଦେୟ ଅଧିଶୁଳ୍କ :** ଗ୍ରାହକମାନେ ବିଲ୍ ପରିମାଣ, ବିଲ୍ ପ୍ରସ୍ତୁତି ଦିବସର ୬୦ ଦିନ ପରେ ପ୍ରଦାନ କଲେ, ଏସ୍ଏଲ୍ଡିସି ଅନାଦେୟ ବିଲ୍ ପରିମାଣ ଉପରେ ମାସ ପ୍ରତି ୧.୨୫% ହିସାବରେ ବିଳମ୍ବ-ଦେୟ ଅଧିଶୁଳ୍କ ଆଦାୟ କରିବ ।

**୨.** ଉପରିସ୍ଥ ପାରା ୧ରେ ଦର୍ଶାଯାଇଥିବା ଏସ୍ଏଲ୍ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ଫି ଏବଂ ଶୁଳ୍କ ତା. ୦୪.୦୪.୨୦୨୧ ରିଖରୁ କାର୍ଯ୍ୟକାରୀ ହେବ ଏବଂ ଆୟୋଗଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

**୩.** ଆୟୋଗଙ୍କ ବିସ୍ତୃତ ଆଦେଶନାମା ତାଙ୍କର ୱେବ୍‌ସାଇଟ୍ **www.orierc.org,** ଓପିଟିସିଏଲର ୱେବ୍‌ସାଇଟ୍ **www.optcl.co.in** ଏବଂ ଏସ୍ଏଲ୍ଡିସିର ୱେବ୍‌ସାଇଟ୍ **www.sldcorissa.org.in** ରେ ଉପଲବ୍ଧ ।

ଭୁବନେଶ୍ୱର
ତା. ୨୭.୦୩.୨୦୨୧

HIPR-43/2020-21

ସ୍ୱା/-
ଚିଫ୍ ଲୋଡ୍ ଡେସ୍ପାଚର, ଏସ୍ଏଲ୍ଡିସି, ଓପିଟିସିଏଲ୍